# ୩୩.୫ ହଜାର ପିଲାଙ୍କୁ ନିଟ୍ ଇଡି-ଟେକ୍ କୋର୍ସ କୁପନ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ଦେଶରେ ଶୁଭାରମ୍ଭ ହୋଇଥିବା ନିଟ୍ ୩.୦(ନ୍ୟାଶନାଲ ଏଜୁକେଶନାଲ ଏଲାଇନ୍ସ ଫର୍ ଟେକ୍ନୋଲୋଜି) ଅନ୍ତର୍ଗତ ୧୨ ଲକ୍ଷ ସାମାଜିକ-ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ୨୫୩ କୋଟି ଟଙ୍କାର ମାଗଣା ନିଟ୍ ଇଡି-ଟେକ୍ କୋର୍ସ ବଣ୍ଟନ କରାଯାଇଛି। ଏହା ଛାତ୍ର ସମାଜ ପାଇଁ ପ୍ରଧାନମନ୍ତ୍ରୀଙ୍କ ୨୦୨୨ର ସବୁଠୁ ବଡ଼ ଉପହାର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ସୋମବାର ନ୍ୟାଶନାଲ ଏଜୁକେଶନାଲ ଏଲାଇନ୍ସ ଫର୍ ଟେକ୍ନୋଲୋଜି ଏବଂ ଆଞ୍ଚଳିକ ଭାଷାରେ ଏଆଇସିଟିଇ ପ୍ରାପ୍ତ ବୈଷୟିକ ପୁସ୍ତକର ଉନ୍ମୋଚନ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ୧୨ ଲକ୍ଷ ସାମାଜିକ-ଆର୍ଥିକ ଦୃଷ୍ଟିରୁ ପଛୁଆ ଛାତ୍ରୀଛାତ୍ରଙ୍କୁ ମାଗଣା ନିଟ୍ ଇଡି-ଟେକ୍ କୋର୍ସ କୁପନ ବଣ୍ଟାଯାଇଛି। ସେଥିମଧ୍ୟରୁ ଓଡିଶାରେ ୩୩ ହଜାର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ୧୦ କୋଟି ମୂଲ୍ୟର ମାଗଣା ନିଟ୍ ଇଡି-ଟେକ୍ କୋର୍ସ କୁପନ ବିତରଣ କରାଯାଇଛି। ଡିଜିଟାଲ ରୂପାନ୍ତରୀକରଣ ଆଜି 'ନ୍ୟୁ ନର୍ମାଲ' ହୋଇଛି। ତେଣୁ ଆମକୁ ଶିକ୍ଷାର କ୍ଷତି(ଲର୍ନିଂ ଲସ୍)କୁ ଭରଣ କରିବା ପାଇଁ ସାମୂହିକ ଉଦ୍ୟମ କରିବାକୁ ହେବ। ଦକ୍ଷତା ବିକାଶ ତଥା ଶିକ୍ଷାର କ୍ଷତିକୁ ଭରଣ କରିବା ଦିଗରେ ଏହି କମ୍ପାନୀ କାର୍ଯ୍ୟ କରୁଛନ୍ତି। ଏଆଇସିଟିଇକୁ ଦକ୍ଷତା କ୍ଷେତ୍ରରେ ଥିବା ସୁଯୋଗର ପୂର୍ଣ୍ଣ ବ୍ୟବହାର ପାଇଁ ନିଟ୍‌କୁ ସ୍କିଲ୍ ଇଣ୍ଡିଆ ସହ ମିଶି ପାଠ୍ୟକ୍ରମ ପ୍ରସ୍ତୁତ କରିବା ଦିଗରେ ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆଇସିଟିଇର ଚେୟାରମ୍ୟାନ ପ୍ରଫେସର ଅନିଲ ଡି, ପ୍ରଫେସର ସହସ୍ର ବୁଦ୍ଧେ ଏବଂ ଶିକ୍ଷା ମନ୍ତ୍ରଣାଳୟ ଓ ଏଆଇସିଟିଇର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଷୟିକ ପୁସ୍ତକ ଉନ୍ମୋଚନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# ଜଣଙ୍କୁ ଗୁଳିକରି ହତ୍ୟାକଲେ ମାଓବାଦୀ

ମାଲକାନଗିରି,୩।୧ (ଡି.ଏନ୍.ଏ.): ମାଲକାନଗିରି ସୀମାନ୍ତରେ ନୂଆବର୍ଷ ଆରମ୍ଭରୁ ମାଓବାଦୀମାନେ ନିଜ ସ୍ଥିତି ଜାହିର କରି ଆସୁଛନ୍ତି। ଗତ ୨ଦିନ ତଳେ ପୋଷ୍ଟର ମାରିବା ସହ ଗଛ କାଟି ରାସ୍ତା ଅବରୋଧ କରିଥିଲେ। ରବିବାର ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣେ ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରିଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ସୋମବାର ମାଓବାଦୀମାନେ ପୁଣି ଏକ ଅଘଟଣ ଘଟାଇଛନ୍ତି। ଛତିଶଗଡ଼ର କାଙ୍କେର ଜିଲାର ଏକ ଦୈନିକ ବଜାରରେ ଗୁଳି କରି ଜଣକୁ ହତ୍ୟା କରିଛନ୍ତି। କାଙ୍କେର ଜିଲାର କୋଏଲାବେଡା ଅଞ୍ଚଳର ବଦ୍ରାଙ୍ଗି ଦୈନିକ ବଜାରରେ ଏପରି ଘଟଣା ଘଟିଛି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କ ପରିଚୟ ମିଳିପାରିନାହିଁ। ଏହି ଘଟଣା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ସୂଚନା ପାଇ ସୁରକ୍ଷା ବାହିନୀ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିବା କାଙ୍କେର ଏସ୍‌ପି ଶାଲବ ସିହ୍ନା କହିଛନ୍ତି।

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ପ୍ରତିମା ନନ୍ଦ, ସରପଞ୍ଚ
ଶ୍ରୀଯୁକ୍ତ ଜନ୍ମେଜୟ ମାଝୀ, ଇଓ
ଗୌରଗୋଠ ପଞ୍ଚାୟତ

ବିଜୁ ଜନତା ଦଳ
ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ପୁଷ୍ପିତ ହେଉ ତୁମ ଚଲାପଥ, ଜରୁ ଅମୃତ ଝର
ପ୍ରଭୁ ନିରାକାର କରୁଣା ସାଗର, ସବୁର କରୁନାକାରି
ପୂରଣ କରନ୍ତୁ ତୁମ ମନସ୍କାମନା, ଏତିକି ମୋର ଗୁହାରୀ ।
ସୁଶାନ୍ତ କୁମାର ବେହେରା
ବିଧାୟକ, ଛେଣ୍ଡିପଦା

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ମାଲି ମେଶ୍ରା, ସରପଞ୍ଚ
ଶ୍ରୀଯୁକ୍ତ ସୁଦର୍ଶନ ସାଏ, ଇଓ
ସିଙ୍ଗାମୁଣ୍ଡା ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଲିଙ୍ଗରାଜ ସୁନା, ଇଓ
ଶ୍ରୀମତୀ ପୂର୍ଣ୍ଣିମା ରଣା, ସରପଞ୍ଚ
କୁଲତାପଡ଼ା ପଞ୍ଚାୟତ

ଅଭିନନ୍ଦନ
ବାଲିଆପାଳ ପଞ୍ଚାୟତ ଓ ବ୍ଲକ୍‌ର ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା
ଜଗନ୍ନାଥ ବାରିକ
ସାମାଜିକ କର୍ମୀ, ବାଲିଆପାଳ

ଅଭିନନ୍ଦନ
ବାଲିଆପାଳ ବ୍ଲକ୍‌ର ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା
ବାଲିଆପାଳ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ
ମନସିଜ ମୋହନ ପାତ୍ର

ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ମହରାପଦର ଏବଂ ଧଣ୍ଡାମୁଣ୍ଡା ଅଞ୍ଚଳର ଚାଷୀଙ୍କ ପାଇଁ ନୂଆବର୍ଷ ସୁଖମୟ ହେଉ ।
ରାଜେନ୍ଦ୍ର ଭୋଇ
ସମ୍ପାଦକ, କୃଷି ସମବାୟ ସମିତି, ମହରାପଦର ଓ ଧଣ୍ଡାମୁଣ୍ଡା

ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ଲୁହାସିଂହା କୃଷି ସମବାୟ ସମିତି ଅଞ୍ଚଳର ସମସ୍ତ ଚାଷୀଭାଇଙ୍କୁ ନୂତନ ବର୍ଷର ଅଭିନନ୍ଦନ । ମାଁ ସମଲେଇ ଓ ପାଟଣେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ଦିଅନ୍ତୁ ।
କନ୍ଦର୍ପ ସୁଆର
ଚାଷୀ ନେତା

ପାଲ ମୁଭର୍ସ ପକ୍ଷରୁ ନବବର୍ଷର ଶୁଭେଚ୍ଛା
ବାଲେଶ୍ୱର
ଅଭିନନ୍ଦନ
PAL MOVERS PVT. LTD.
TATA MOTORS

ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ଖପ୍ରାଖୋଲ ଏବଂ ଲୁହାସିଂହା ଅଞ୍ଚଳର ସମସ୍ତ ଚାଷୀଭାଇଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀପତି ଭୋଇ
ସମ୍ପାଦକ, କୃଷି ସମବାୟ ସମିତି, ଖପ୍ରାଖୋଲ ଓ ଲୁହାସିଂହା

ଅଭିନନ୍ଦନ
ବାଲିଆପାଳ ପଞ୍ଚାୟତ ଓ ବ୍ଲକ୍‌ର ସମସ୍ତଙ୍କୁ ନବ ବର୍ଷର ଶୁଭେଚ୍ଛା
ଅରୁଣ ପାତ୍ର
କଂଗ୍ରେସ ଦଳର ବାଲିଆପାଳ ପଞ୍ଚାୟତ ସଭାପତି

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ମମତା କୁମୁରା, ସରପଞ୍ଚ
ଶ୍ରୀଯୁକ୍ତ ଗୋପାଳ ଷଡ଼ଙ୍ଗୀ, ଇଓ
ହାତୀସରା ପଞ୍ଚାୟତ

ଅଭିନନ୍ଦନ
ନବବର୍ଷର ଶୁଭେଚ୍ଛା
ବିକାଶ କୁମାର ଦାସ
ଜିଲା ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଯୁବ ଶାଖା, ବାଲେଶ୍ୱର

ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ଖପ୍ରାଖୋଲ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମାଁ ଭୁମେରତଲିଏନ ସୁଖ, ଶାନ୍ତି ଓ ସମୃଦ୍ଧି ଦିଅନ୍ତୁ।
ଉପେନ୍ଦ୍ର ଭୋଇ
ସରପଞ୍ଚ, ଖପ୍ରାଖୋଲ ପଞ୍ଚାୟତ

ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣ ଏବଂ ଆଦିବାସୀ ଭାଇଭଉଣୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ବିପ୍ର ବିଶି
ଜିଲ୍ଲା ପରିଷଦ ସଭ୍ୟ, ଜୋନ୍ ନଂ-୩ ତଥା ସଭାପତି, ଆଦିବାସୀ କଲ୍ୟାଣ ସଂଘ, ଖପ୍ରାଖୋଲ ବ୍ଲକ

ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ଭାନପୁର ଏବଂ ଲାଠୋର ଅଞ୍ଚଳର ସମସ୍ତ ଚାଷୀଙ୍କୁ ନୂଆବର୍ଷର ଅଭିନନ୍ଦନ ।
ଜଗଦୀଶ ରଣା
ସମ୍ପାଦକ, କୃଷି ସମବାୟ ସମିତି, ଭାନପୁର ଏବଂ ଲାଠୋର

ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ଖପ୍ରାଖୋଲ ଏବଂ ଘୁନସର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ବାହୁବଳେନ୍ଦ୍ର ପୁରୋହିତ
କାର୍ଯ୍ୟନିର୍ବାହୀ ଅଧିକାରୀ, ଖପ୍ରାଖୋଲ ଓ ଘୁନସର ଗ୍ରାମ ପଞ୍ଚାୟତ

ନୂତନ ବର୍ଷ ୨୦୨୨ ଅଭିନନ୍ଦନ
ତେଲେନପାଲି ଅଞ୍ଚଳର ଚାଷୀମାନଙ୍କୁ ନୂଆବର୍ଷର ଅଭିନନ୍ଦନ ।
ଗଣେଶ ମାଝୀ
ସମ୍ପାଦକ, କୃଷି ସମବାୟ ସମିତି, ତେଲେନପାଲି

ନୂତନ ବର୍ଷ ୨୦୨୨ ଅବସରରେ ଓଡ଼ିଶାର ସମସ୍ତ ଗ୍ରାହକ, କର୍ମଚାରୀ ଓ ଶୁଭଚିନ୍ତକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନୂତନ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା
ଏଠାରେ ସମସ୍ତ ପ୍ରକାର ଚାରା, ଫୁଲକୁଣ୍ଡ ଓ ବିହନ ସୁଲଭ ଦରରେ ମିଳେ ।
ପ୍ରୋ: ଝରଣା ପଣ୍ଡା
J.N. NURSERY & AGRO
DISTRIBUTOR
Panchagan, Tigiria, Cuttack
M.: 9348485990 / 9938810711

ଇଂରାଜୀ ନବବର୍ଷ ୨୦୨୨ ଅବସରରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ନୂତନ ବର୍ଷ ସମସ୍ତ ଜୀବନରେ ସୁଖ ଓ ସମୃଦ୍ଧି ଭରିଦେଉ ।
ବିଜୟ ଦେବ ସାହୁ
ଜିଲ୍ଲା ପରିଷଦ କଲମପୁର ଜୋନ-୧
ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି

ଇଂରାଜୀ ନବବର୍ଷ ୨୦୨୨ ଅବସରରେ ଲଡୁଗାଁ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣ ତଥା କୋକସରା ଅଞ୍ଚଳବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ନୂତନ ବର୍ଷ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଭରିଦେଉ । ଏତିକି ପ୍ରଭୁ ବୁଢ଼ାରଜାଙ୍କ ନିକଟରେ ପ୍ରାର୍ଥନା ।
ରାଜୁ ଅଗ୍ରୱାଲ
ଲଡୁଗାଁ, କୋକସରା ବ୍ଲକ

**ବୃଦ୍ଧ ନିଖୋଜ, ଥାନାର ଦ୍ୱାରସ୍ଥ ହେଲେ ପରିବାର**

ଜୟପୁର,(ନି.ପ୍ର.)- ନୂଆବର୍ଷ ଦିନ ଜୟପୁର ଖ୍ରୀଷ୍ଟିଆନ ସାହିର ନୀଳକଣ୍ଠ ଖିଲ (୭୦) ନିଖୋଜ ହୋଇଯାଇଛନ୍ତି। ନୂଆବର୍ଷ ଦିନ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ସ୍ତ୍ରୀ ସାବିତ୍ରୀ ଖିଲ ଜୟପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନୂଆବର୍ଷ ଦିନ ସନ୍ଧ୍ୟାରେ ସେ ବାହାରକୁ ଯାଉଛି କହି ଆଉ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ବହୁ ଖୋଜାଖୋଜା କରି ତାଙ୍କ ସନ୍ଧାନ ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେ ମାନସିକ ଭାରସାମ୍ୟ ହରାଇଥିବା ପରିବାର ଲୋକେ କହିଛନ୍ତି।

## ସଂକ୍ଷେପରେ

### ମାଓବାଦୀ ନାଁରେ ବଟି ମାଗି ଗିରଫ

ରାୟଗଡ଼ା ଅଫିସ,୩।୧-ମାଓବାଦୀଙ୍କ ନାଁରେ ଜଣେ ମିଲ୍ ମାଲିକଙ୍କୁ ଧମକାଇ ବଟି ମାଗିବା ଅଭିଯୋଗରେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଶେଷଖାଲ ଥାନା ଅନ୍ତର୍ଗତ ମହାବେକାକେଲି ଗ୍ରାମର ଭରତ ବଟେଲି(୩୭)। ଏହି ଘଟଣାରେ ଅନ୍ୟ ଜଣେ ସମ୍ପୃକ୍ତ ଫେରାର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭରତ କଲ୍ୟାଣସିଂହପୁର ଥାନା ଅଧୀନ ମାଝିଗୁଡ଼ାସ୍ଥିତ ରାଇସ୍ ମିଲ୍ ମାଲିକ ବି. ମାଧବଙ୍କୁ ଡିସେମ୍ବର ୧୪ରୁ ଦେଢ଼ ଲକ୍ଷ ଟଙ୍କା ମାଗି ଆସୁଥିଲେ। ଟଙ୍କା ନ ଦେଲେ ମିଲ୍‌ରେ ବୋମା ପକାଇଦେବେ ବୋଲି ଧମକ ଦେଉଥିଲେ। ରବିବାର ଏ ନେଇ ମାଧବ କଲ୍ୟାଣସିଂହପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ସୋମବାର ଅଭିଯୁକ୍ତ ଭରତଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ ଏବଂ କଲ୍ୟାଣସିଂହପୁର ଥାନାଧିକାରୀ ସୁକୁମା ହାଁସଦା ସୂଚନା ଦେଇଛନ୍ତି।

### ଏସ୍‌ବିଆଇ ମୁଖ୍ୟ ଶାଖା ୨ ଦିନ ବନ୍ଦ

ନବରଙ୍ଗପୁର,୩।୧(ବି.ପ୍ର.)- ନବରଙ୍ଗପୁର ସହରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖା ୨ଦିନ ବନ୍ଦ ରହିବ। ବ୍ୟାଙ୍କର ଦୁଇ ଜଣ କର୍ମଚାରୀ କୋରନା ପଜିଟିଭ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଏପରି ନିଷ୍ପତ୍ତି ନେଇଛନ୍ତି। ରବିବାର ସନ୍ଧ୍ୟାରେ ଡେପୁଟି ବ୍ୟାଙ୍କ ମ୍ୟାନେଜର ରଶ୍ମି ରାଉତ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସୋମବାର ସକାଳେ ଆଉ ଜଣେ କର୍ମଚାରୀଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିଲା। ଏ ସମ୍ପର୍କରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଜଣାଇଥିଲେ। ପ୍ରଶାସନର ନିଷ୍ପତ୍ତି ପ୍ରକାରେ ସୋମବାର ବ୍ୟାଙ୍କ ବନ୍ଦ ଥିଲା। ମଙ୍ଗଳବାର ମଧ ବ୍ୟାଙ୍କ ବନ୍ଦ ରହିବ ବୋଲି ଜଣାପଡିଛି। ଗ୍ରାହକଙ୍କ ଅବଗତି ନିମନ୍ତେ ବ୍ୟାଙ୍କ ବାହାରେ ନୋଟିସ ମରାଯାଇଛି।

### ଆନ୍ଦୋଳନକାରୀଙ୍କ ସହ ଆଲୋଚନା କଲେ ଅଧିକାରୀ

କୋଡିଙ୍ଗା, ୩।୧(ଡି.ଏନ୍.ଏ.)- ୮ ଦଫା ଦାବି ନେଇ କୋଡିଙ୍ଗା ବିକାଶ ପରିଷଦ ପକ୍ଷରୁ ଚାଲିଥିବା ଧର୍ମଘଟ ସୋମବାର ୫ମ ଦିନରେ ପହଞ୍ଚିଛି। କୋଡିଙ୍ଗା ତହସିଲଦାର ଶିବପ୍ରସାଦ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସବ୍ୟସାଚି ଜେନା, କୋଡିଙ୍ଗା ଥାନାଧିକାରୀ ଦୁର୍ଗା ମାଧବ ବାଗ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ପରିଷଦର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରିଷଦର ଦାବି ସମ୍ପର୍କରେ ଆଲୋଚନା ଚାଲିଛି ବୋଲି ସେମାନେ କହିଥିଲେ। ଏହି ଧର୍ମଘଟକୁ ଆଦିବାସୀ ଉନ୍ନୟନ ପରିଷଦ ଏବଂ ବିଭିନ୍ନ ସାମାଜିକ ସଂସ୍ଥା ସହଯୋଗ କରୁଛନ୍ତି। ପ୍ରକାଶ ଯେ, କୋଡିଙ୍ଗାରେ ଜେଏମ୍ଏଫ୍‌ସି କୋର୍ଟ, ଡିଗ୍ରୀ କଲେଜ, ସବ୍‌ଟ୍ରେଜେରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଡର୍ଣ୍ଣ ବସ୍‌ଷ୍ଟାଣ୍ଡ, ଏସ୍‌ବିଆଇ ଶାଖା, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସହ କୋଡିଙ୍ଗାକୁ ବ୍ଲକ ଘୋଷଣା ଦାବିରେ ଧର୍ମଘଟ ଚାଲିଛି।

### ଡାବୁଗାଁ ତହସିଲଦାରଙ୍କୁ କରୋନା

ଡାବୁଗାଁ, ୩।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ୨ ଜଣ ସୋମବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଡାବୁଗାଁ ତହସିଲଦାର ଅଛନ୍ତି। ସେ ତାଙ୍କ ବାସ ଭବନରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାପଡିଛି। ଅନ୍ୟଜଣେ ଆକ୍ରାନ୍ତ ଡ଼ଙ୍ଗରିଗୁଡା ପଞ୍ଚାୟତ ବୋରିପଦର ଗ୍ରାମର ବୋଲି ଜଣାପଡିଛି। ଆକ୍ରାନ୍ତଙ୍କ ବାସ ଭବନକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି।

### ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

କୁଡୁମୁଲୁଗୁମ୍ମା,୩।୧(ଡି.ଏନ.ଏ.)- ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ପଞ୍ଚାୟତରେ, କୁଡୁମୁଲୁଗୁମ୍ମାରୁ ମଜୁରଲେଣ୍ଡି କୁ ଯୋଗାଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୯କିମିରୁ ଉର୍ଦ୍ଧ୍ୱ ଏହି ରାସ୍ତା କାର୍ଯ୍ୟ ବର୍ଷେ ତଳେ ହୋଇଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାଲକାନାଗିରିର ଜଣେ ଠିକାଦାର ଏହି କାର୍ଯ୍ୟ କରିଛନ୍ତି। ନିମ୍ନମାନର କାମ ହୋଇଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି। ଏନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ଠିକାଦାରଙ୍କ ଉପରେ ଏହାର କୌଣସି ପ୍ରଭାବ ପଡି ନ ଥିଲା। ଶେଷରେ ଗ୍ରାମବାସୀ ଦୁଇ ଥର ରାସ୍ତା କାମ ବନ୍ଦ କରାଇଥିଲେ। ତେବେ ଭଲ କାମ କରିବି ବୋଲି ପ୍ରତିଶ୍ରୁତି ଦେଇ ଠିକାଦାର ଜଣକ କାମ ଆରମ୍ଭ କରି ନିମ୍ନମାନର କାର୍ଯ୍ୟ କରିଛନ୍ତି। ଫଳରେ ରାସ୍ତାଟି ବର୍ଷେ ମଧ୍ୟରେ ନଷ୍ଟ ହୋଇଯାଇଛି। କାର୍ଯ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀ କେବେ ହେଲେ କାମ ଦେଖିବାକୁ ଆସି ନ ଥିଲେ। ଠିକାଦାର-ଯନ୍ତ୍ରୀଙ୍କ ମଧ୍ୟରେ ସଲାସୂତରା ଯୋଗୁ ରାସ୍ତା ନିର୍ମାଣରେ ବ୍ୟୟ ଅର୍ଥ ପାଣିରେ ପଡିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# କିଶୋରୀ କିଶୋର ନେଲେ କୋଭାକ୍ସିନ

**ରାୟଗଡ଼ା ଅଫିସ/ଗୁଣପୁର/ବିଷମକଟକ /ଚନ୍ଦ୍ରପୁର/ମୁନିଗୁଡ଼ା,୩।୧(ଡି.ଏନ୍.ଏ.)**

କିଶୋରୀ, କିଶୋର ବର୍ଗଙ୍କ ପାଇଁ ସୋମବାରଠାରୁ କରୋନା ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରାୟଗଡ଼ା ଜିଲାର ୩୦ହଜାର ୧୫ରୁ ୧୮ ବୟସ୍କ ବର୍ଗଙ୍କୁ ପ୍ରଥମ ଡୋଜ୍ କୋଭାକ୍ସିନ ପ୍ରଦାନ କରାଯିବ। ରାୟଗଡ଼ା ସହରସ୍ଥିତ ଅଶୋକ କଲ୍ୟାଣ ମଣ୍ଡପ, ବିଜୁ କଲ୍ୟାଣ ମଣ୍ଡପ ଓ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଜିଲାର ମୋଟ ୪୮ ସ୍ଥାନରେ ଶିଶୁଙ୍କୁ ଟିକାକରଣ ଆରମ୍ଭ ହୋଇଛି। ଜିଲାର ୫୩ ହଜାର କିଶୋରୀ, କିଶୋରଙ୍କୁ ୧୦ଦିନ ମଧ୍ୟରେ ଟିକାକରଣ ପାଇଁ ଯୋଜନା ରହିଥିବା ଜିଲା ଟିକାକରଣ ଅଧିକାରୀ ସୂଚନା ଦେଇଛନ୍ତି।


ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବାଳିକା ଟିକା ନେଉଛନ୍ତି।

ଗୁଣପୁର ବ୍ଲକ ଓ ସହରାଞ୍ଚଳରେ ୧୧୮୯ ଜଣଙ୍କୁ କୋଭାକ୍ସିନ ଟିକା ଦିଆଯାଇଛି। ଗୁଣପୁର ସହରାଞ୍ଚଳରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଟିକା ଦିଆଯାଇଛି। ପୌରାଞ୍ଚଳର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ବିଜୁ କଲ୍ୟାଣ ମଣ୍ଡପ ଏବଂ ହାଉସିଂବୋର୍ଡ ଅଙ୍ଗନୱାଡି କେନ୍ଦ୍ର ସମେତ ସହରାଞ୍ଚଳରେ ମୋବାଇଲ ଟିମ୍ ମାଧ୍ୟମରେ ଗୁଣପୁର କଲେଜ, ବାଳିକା ଉଚ୍ଚବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଟିକାକରଣ କରାଯାଇଛି। ସେହିପରି ବ୍ଲକ ସ୍ତରରେ ମଧ ଟିକା ଦିଆଯାଇଛି।

ବିଷମକଟକ ବ୍ଲକରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବିଡିଓ ଆଲବର୍ଟ ଲାକ୍‌ଡା ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଭି. ଲୋକନାଥ ରାଜୁ ଟିକାକରଣର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ବ୍ଲକର ୪ ଟିକାକେନ୍ଦ୍ରରେ ୪୬୩ ଜଣଙ୍କୁ ଟିକା ଦିଆଯାଇଛି। ଚନ୍ଦ୍ରପୁର ବ୍ଲକ ସଦରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୦୦ରୁ ଉର୍ଦ୍ଧ୍ୱଙ୍କୁ ଟିକା ଦିଆଯାଇଛି। ଅତିଥିଭାବେ ଡାଙ୍ଗସୋରଡ଼ା ସିଆର୍‌ପିଏଫ୍ ୮ମ ବାଟାଲିୟନର କମାଣ୍ଡାଣ୍ଟ ରାଜୀବ କୁମାର ସହାୟ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପିୟୁଷ ଭରଦ୍ୱାଜ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାହୁଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁନିଗୁଡ଼ା ବ୍ଲକରେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୪ କେନ୍ଦ୍ରରେ ମୋଟ ୪୯୪ ଜଣଙ୍କୁ ଟିକାକରଣ କରାଯାଇଛି। ମୁନିଗୁଡ଼ାରେ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ କୁମାର ଓ ମୁନିଗୁଡ଼ା ବିଡିଓ ଦିଲୀପ କୁମାର ବେହେରା ଉପସ୍ଥିତ ଥିଲେ।

## ଯୋଗଦେଲେ ନୂଆ ଏସ୍‌ପି

**ମାଲକାନଗିରି, ୩।୧ (ଡି.ଏନ.ଏ.)**



ମାଲକାନଗିରି ଜିଲାରେ ନୂତନ ଏସ୍‌ପି ଭାବେ ନୀତିନ୍ ୱାଧୱାନି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏସଡିପିଓ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ଏସ୍‌ପି ପ୍ରହଲ୍ଲାଦ ସାହାଏ ମିନାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲାରେ ମାଓବାଦୀ ଦମନ ସହିତ ଜିଲାର ସର୍ବାଙ୍ଗୀନ ବିକାଶ ଦିଗରେ ସେ କାର୍ଯ୍ୟ କରିବେ ବୋଲି ଏହି ଅବସରରେ ୱାଧୱାନି ପ୍ରକାଶ କରିଛନ୍ତି।

## ୩ ସ୍ଥାନରେ ଟିକାକରଣ କାର୍ଯ୍ୟକ୍ରମ

## ଟିକା ନେବାକୁ ପିଲାଙ୍କ ମଧ୍ୟରେ ଉତ୍ସାହ

**ଜୟପୁର/ଦଶମନ୍ତପୁର/ ଦାମନଯୋଡି, ୩।୧ (ନି.ପ୍ର./ଡି.ଏନ.ଏ.)**

ସୋମବାରଠାରୁ ୧୫ରୁ ୧୮ବର୍ଷୀୟଙ୍କ ପିଲାଙ୍କ ପାଇଁ ଆରମ୍ଭ ହୋଇଥିବା ଟିକାଦାନ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ କୋରାପୁଟ ଜିଲାରେ ୨୧ଟି କେନ୍ଦ୍ର କରାଯାଇଛି। ସେଥିରୁ ଜୟପୁର ଉପଖଣ୍ଡରେ ୭ଟି କେନ୍ଦ୍ର ହୋଇଛି। ଟିକାଦାନ ନେଇ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବ୍ୟବସ୍ଥା ହୋଇଛି। ଜୟପୁର ସହରରେ ୩ଟି କେନ୍ଦ୍ର ଟାଉନ ହଲ୍,କୁମ୍ଭାରସାହି ଏବଂ ଜିଲା ମେଡିକାଲରେ ଟିକାଦାନ ଆରମ୍ଭ ହୋଇଛି। ଏହା ବ୍ୟତୀତ ଉପଖଣ୍ଡର ବୋରିଗୁମ୍ମା, କୁନ୍ଦୁରା,ବୈପାରିଗୁଡା ଓ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଟିକାଦାନ ବ୍ୟବସ୍ଥା ହୋଇଛି। ପ୍ରତି କେନ୍ଦ୍ରରେ ୩୦୦ ଜଣକୁ ଟିକାକରଣ କରାଯାଉଛି। ଆଜି ପ୍ରଥମ ଦିନରେ ଜୟପୁର ସହରର ୩ଟି କେନ୍ଦ୍ରରେ ୩୬୭ଜଣ ଟିକା ନେଇଛନ୍ତି। ଟିକା ନେବା ପାଇଁ ପିଲାଙ୍କ ମଧ୍ୟରେ ଉତ୍ସହ ଦେଖିବାକୁ ମିଳିଛି।

ସ୍ଥାନୀୟ ଦଶମନ୍ତପୁର ବ୍ଲକରେ ୨ଟି ଟିକାଦାନ କେନ୍ଦ୍ର ହୋଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଓ ପୋଡ଼ାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ୧୫ରୁ ୧୮ ବର୍ଷ ବୟସର ୧୭ ଶହ କିଶୋରୀ କିଶୋରଙ୍କୁ ଟିକା ପ୍ରଦାନ କରାଯାଇଥିବା ଡା. ଶ୍ରୀରାମ ପରିଡ଼ା କହିଛନ୍ତି। ବିପିଓ ଶ୍ରୀକାନ୍ତ ଦାଶ ପରିଚାଳନା କରିଥିଲେ। କୋରାପୁଟ ବ୍ଲକର ଦାମନଯୋଡ଼ି ନିକଟସ୍ଥ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାଦାନ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମନ ଟପ୍ପୋ ଉଦ୍‌ଘାଟନ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢ଼ୀ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏହି କେନ୍ଦ୍ରରେ ୩୯୪ ପିଲା ଟିକା ନେଇଥିଲେ। ବିପିଏମ୍ ନୂତନ ସିଂହ ପରିଚାଳନା କରିଥିଲେ। ସେହିପରି ନାଲ୍‌କୋ କମ୍ୟୁନିଟି ସେଣ୍ଟର କେନ୍ଦ୍ରରେ ୧୯୨ ପିଲାଙ୍କୁ ଟିକା ପ୍ରଦାନ କରାଯାଇଛି। ନାଲ୍‌କୋ ହସ୍ପିଟାଲ ମୁଖ୍ୟ ଗୀତାଞ୍ଜଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଡି. ରାମକ୍ରିଷ୍ଣା, ଜେ.ଆର୍. ଦାଶଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶିଶୁ ସୁରକ୍ଷା, ବାଲ୍ୟବିବାହ ରୋକିବା ଦିଗରେ ସମନ୍ୱୟ ରଖିବା ଜରୁରୀ

**ନବରଙ୍ଗପୁର, ୩।୧(ବି.ପ୍ର.)**

ଜିଲାରେ ବାଲ୍ୟବିବାହକୁ ରୋକିବା ନିମନ୍ତେ ସୋମବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଶିଶୁ ସୁରକ୍ଷା ୟୁନିଟ, ସମାଜ କଲ୍ୟାଣ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ନେଇ ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲାରେ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟବିବାହ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ବାଲ୍ୟବିବାହ ପରି ସାମାଜିକ ବ୍ୟାଧି ରୋକିବାକୁ ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଭାବେ ଜନସଚେତନତା କରିବା ଦରକାର। ବାଲ୍ୟବିବାହ ହେଉଥିବା ଘଟଣାର ଆଇନଗତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଥିବା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ବୈଠକ ପ୍ରାରମ୍ଭରେ ପୋଷ୍ୟ ସନ୍ତାନ ଗ୍ରହଣ ଓ ବାଲ୍ୟବିବାହ ରୋକିବା ନିମନ୍ତେ ପ୍ରଶାସନକୁ ସହଯୋଗ କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଅନୁରୋଧ କରିଥିଲେ। ଚଳିତ ବର୍ଷ ଜିଲାରେ ୧୪୨ଟି ବାଲ୍ୟବିବାହ ବନ୍ଦ କରାଯାଇଛି ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ କହିଛନ୍ତି। ବାଲ୍ୟବିବାହର କାରଣ ଓ ଏହାର ସମାପ୍ତି ଉଦ୍ଦେଶ୍ୟରେ ଜିଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆକ୍ସନଏଡ୍‌ର ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବନୀ କୁମାର ତ୍ରିପାଠୀ, ଡାକ୍ତର ସୁକାନ୍ତ ଶତପଥୀ, ଡିଇଓ ପ୍ରଦୀପ ନାଗ, ଡିଆଇପିଆର୍‌ଓ ହଳଧର ନିଆଲ, ସହ ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜ, ସହାୟକ ସମାଜ କଲ୍ୟାଣ ଅଧିକାରୀ ନରହରି ସିଂ, ବାଲ୍ୟବିବାହ ନିଷେଧ ଅଧିକାରୀ ସୁନିତା ଦେବୀ ତ୍ରିପାଠୀ, ସୁପରଭାଇଜର ସସ୍ମିତା ମହାନ୍ତିଙ୍କ ସମେତ ଜିଲାରେ କାର୍ଯ୍ୟ କରୁଥିବା ୨୦ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଆଲୋଚନାରେ ଉପସ୍ଥିତ ଥିଲେ। ଜିଲା ସଂଯୋଜକ ସୁକାନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ।


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ।

## ୧୫ରୁ ୧୮ ବର୍ଷ ବୟସ୍କଙ୍କୁ କରୋନା ଟିକା

**ନବରଙ୍ଗପୁର/ଉମରକୋଟ, ୩।୧ (ବି.ପ୍ର./ସ୍ୱ.ପ୍ର.)**

ନବରଙ୍ଗପୁର ଜିଲାର ୧୦ବ୍ଲକ ଏବଂ ୨ପୌରପାଳିକାର ମୋଟ ୬୫, ୭୦୦ ପିଲା(୧୫-୧୮ ବର୍ଷ)ଙ୍କୁ କରୋନା ଟିକା(କୋଭାକ୍ସିନ୍) ଦିଆଯିବ। ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟର ଏମ୍‌ସିଏଚ୍ ବିଲ୍ଡିଂରେ ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲାରେ ୬୧ଟି କେନ୍ଦ୍ରରେ ଟିକାକରଣ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ୧୨୨ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଟିକାକରଣ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା. କାଳୀପ୍ରସାଦ ବେହେରା,ଏଡିଏମ୍‌ଓ (ଏଫ୍‌ଡବ୍ଲୁ) ଡା. ନୀଳମଣି, ଦିଲୀପ ଚାନ୍ଦ ବେହେରା,ଏଡିପିଏଚ୍‌ଓ (ଟିବି) ଡା. ନୀଳମଣି ସେନାପତି, ଡା. ସୁକାନ୍ତ ଶତପଥୀ, ଏଡିପିଏଚ୍‌ଓ (ଲେପ୍ରସି) ଡା. ମଳୟ ତ୍ରିପାଠୀ, ଡା. କାହ୍ନୁ ଚରଣ ପାତ୍ର, ଡିପିଏମ୍ ସୁକାନ୍ତ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ସୋମବାର ୫୨୩୪ଜଣଙ୍କୁ ଟିକା ଦିଆଯାଇଛି।

ଉମରକୋଟ ମ୍ୟୁନିସିପାଲିଟିରେ ୫ଟି ଟିକାକରଣ କେନ୍ଦ୍ର ସ୍ଥାପନ କରାଯାଇଛି। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯାଇଛି। ମେଡିକାଲ ଅଫିସର ଡା. ଶରତ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସୁମନ୍ତ କୁମାର ରାଉଳ ଓ ଭାକ୍ସିନ ମ୍ୟାନେଜର ବିଶ୍ୱଜିତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ମାତ୍ର ୩୭୦ ଜଣଙ୍କୁ ଟିକା ଦିଆଯାଇଛି। ଟିକାକରଣ ଆଶାନୁପାତରେ କମ୍ ଥିବାରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ଘୋଷଣା କରିବାକୁ ପୌର ପରିଷଦକୁ ଅନୁରୋଧ କରାଯିବ ବୋଲି ଭାକ୍ସିନ ମ୍ୟାନେଜର କହିଛନ୍ତି।


ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ପିଲାଙ୍କୁ ଟିକା ଦିଆଯାଉଛି।

## ପ୍ରଥମ ଦିନରେ ଜିଲାରେ ନେଲେ ୨୩୯୭ ଟିକା

**ମାଲକାନଗିରି/ଚିତ୍ରକୋଣ୍ଡା,୩।୧(ଡି.ଏନ୍.ଏ.)**

କରୋନା ମହାମାରୀ କବଳରୁ ଏଯାଏ ମୁକୁଳିପାରିନାହିଁ ସାରା ବିଶ୍ୱ। କରୋନାର ପ୍ରାଦୁର୍ଭାବ କିଛି ପରିମାଣରେ କମି ଜୀବନଜୀବିକା ସ୍ୱାଭାବିକ ହେଉଥିବା ବେଳେ କିଛିମାସର ବ୍ୟବଧାନରେ ନୂଆ ରୂପରେ ଓମିକ୍ରନ୍ ନାମରେ ଆସିଛି କରୋନା। କ୍ଷିପ୍ର ବେଗରେ ସଂକ୍ରମଣ ହେଉଥିବା ଏହି ରୋଗ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସବୁ ବର୍ଗଙ୍କୁ କରୁଛି ଆକ୍ରାନ୍ତ। ଫଳରେ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କୁ କୋଭାକ୍ସିନ୍ ଟିକା ଦେବାକୁ ରାଜ୍ୟ ସରକାରମାନେ ଗୁରୁତ୍ୱାରୋପ କରି ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ଓଡ଼ିଶାରେ ମଧ ସୋମବାରଠାରୁ ଏହି ବର୍ଗର ପିଲାଙ୍କୁ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ଟିକାଦାନ କେନ୍ଦ୍ରରେ ପିଲାମାନେ ଟିକା ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଏହାର ଶୁଭାରମ୍ଭ କରିବା ପରେ ପିଲାମାନେ ଟିକା ନେଇଥିଲେ। ପ୍ରଥମ ଦିନରେ ଜିଲାରେ ୨୨ଟି ଟିକାଦାନ କେନ୍ଦ୍ରରେ ୨୩୯୭ ଜଣ ପିଲା ଟିକା ନେଇଛନ୍ତି। ଟିକା ନେବା ପରେ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହେଉ ନ ଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି। ଅନ୍ୟ ଶିଶୁମାନେ ମଧ ଆସି ଟିକା ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟଠାରେ କେନ୍ଦ୍ର ସରକାରଙ୍କ ପୂର୍ବ ଘୋଷଣା ମୁତାବକ ୧୫ ରୁ ୧୮ ବର୍ଷ ବୟସର ୫୫ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୁଷ ସ୍ୱାସ୍ଥ୍ୟକର୍ମୀ ହେମନ୍ତ ନାୟକ, ମହିଳା ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳି ଚର୍ଚ୍ଚି, ସହାୟିକା ଜୟନ୍ତୀ ଗଲରି ପରିଚାଳନା କରିଥିଲେ।



୧୫ରୁ ୧୮ ବର୍ଷର ଜଣେ ପିଲାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକା ପ୍ରଦାନ କରାଯାଉଛି।

## ଡାକ୍ତର, ନର୍ସ, ପରିବାର ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି

**ରାୟଗଡ଼ା ଅଫିସ,୩।୧**

**ଶିଶୁପୁତ୍ରର ମୃତ୍ୟୁକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା**

୨୦ଦିନର ଶିଶୁପୁତ୍ରର ମୃତ୍ୟୁକୁ ନେଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଉତ୍ତେଜନା ପରିସ୍ଥିତି ଉପୁଜିଛି। ଶିଶୁଟିର ପରିବାର ଲୋକ, ଡାକ୍ତର ଏବଂ ନର୍ସଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଡାକ୍ତରଖାନା ପରିସରରେ ପୋଲିସ ମୁତୟନ ହୋଇଛନ୍ତି। ରାୟଗଡ଼ା ସହର ରାଣୀଗୁଡ଼ା ଫାର୍ମ ଅଞ୍ଚଳର ଜି. ସୁରେଶ ଓ ମୋନିକାଙ୍କ ପୁଅର ସ୍ୱାସ୍ଥ୍ୟ ଖରାପ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅମୃତଶ୍ରୁତି ପାତ୍ର ଏସ୍‌ଏନ୍‌ସିୟୁରେ ଚିକିତ୍ସା କରିଥିଲେ। ସୋମବାର ସକାଳେ ଶିଶୁଟିର ମୃତ୍ୟୁ ଘଟିଥିଲା। ଏହାପରେ ପରିବାର ଲୋକେ ଡାକ୍ତରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ମୃତ ଶିଶୁର ବାପା ଜି. ସୁରେଶ କହିଛନ୍ତି, ଅପରାହ୍ନରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଏସ୍‌ଏନ୍‌ସିୟୁରେ ରଖିଥିଲେ। କିନ୍ତୁ ସନ୍ଧ୍ୟାରେ ରାଉଣ୍ଡକୁ ବିଳମ୍ବରେ ଆସିବାରୁ ଏଭଳି ଅବସ୍ଥା ଘଟିଥିଲା। ଅପରପକ୍ଷେ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି, ଶିଶୁଟିକୁ ସଙ୍କଟାପନ୍ନ ଅବସ୍ଥାରେ ଅଣାଯାଇଥିଲା। ବଞ୍ଚାଇବା ପାଇଁ ସମସ୍ତ ପ୍ରଚେଷ୍ଟା କରି ମଧ ସମ୍ଭବ ହୋଇ ନ ଥିଲା। ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ଭୁଲ୍ ବୋଲି ସେ କହିଛନ୍ତି। ତେବେ ଏ ନେଇ ରାୟଗଡ଼ା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ଏମ୍‌ପି, ବିଧାୟକଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତ

**ଚିତ୍ରକୋଣ୍ଡା,୩।୧(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳକୁ ସୋମବାର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଗସ୍ତ କରିଛନ୍ତି। ଏହି ଅବସରରେ ରାଲେଗଡ଼ା ପଞ୍ଚାୟତର ସାକୁବନ୍ଧା ଏବଂ ପଣସପୁଟ ପଞ୍ଚାୟତର ପଣସପୁଟରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏମ୍‌ପି ଓ ବିଧାୟକଙ୍କ ପାଣ୍ଠି ଅର୍ଥ ବିନିଯୋଗରେ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେବ। ପରେ ଦଳ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ମିଶ୍ରଣ ପର୍ବ ହୋଇଥିଲା। ସ୍ୱାଭିମାନ ଅଞ୍ଚଳର ଅନ୍ୟ ଦଳର ବହୁ ବ୍ୟକ୍ତି ବିଜେଡିରେ ସାମିଲ ହୋଇଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ଯେପରି ଭଲ ପ୍ରଦର୍ଶନ କରିବେ ସେଥିପାଇଁ ୱାର୍ଡ ସ୍ତରରୁ ଦଳକୁ ମଜଭୁତ କରିବାକୁ ଏମ୍‌ପି ମାଝି ଓ ବିଧାୟକ ବାକା ପରାମର୍ଶ ଦେଇଥିଲେ। ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡ଼କାମି, ପୂର୍ବତନ ଜିଲା ପରିଷଦ ଅଧକ୍ଷ ପଦ୍ମିନୀ ମୁଦୁଲି, ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝି, ଜିଲା ରାଜେନ୍ଦ୍ର ପଣ୍ଡା, ଚିତ୍ରକୋଣ୍ଡା ବ୍ଲକ ବିଜେଡି ସଭାପତି ହରିମୋହନ ଖିଲ, ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ, ଆଡମା ରାବା, ତପନ ସାହା, ପୀତାମ୍ବର ଖେମୁଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମତ ବିନିମୟ କାର୍ଯ୍ୟକ୍ରମ: ହାଇଦ୍ରାବାଦ ଗଲେ ୫୦ ଯୁବତୀ ଯୁବକ

**ମାଲକାନଗିରି,୩।୧ (ଡି.ଏନ.ଏ.)**

ବିଏସ୍‌ଏଫ୍ ଓ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ ୧୩ତମ ଆଦିବାସୀ ମତ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ମାଲକାନଗିରି ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରୁ ୩୦ ଜଣ ଯୁବକ ଓ ୨୦ ଜଣ ଯୁବତୀଙ୍କ ସମେତ ମୋଟ ୫୦ ଜଣ ସୋମବାର ଏକ ସ୍ୱତନ୍ତ୍ର ବସ୍ ଯୋଗେ ହାଇଦ୍ରାବାଦ ଯାତ୍ରା କରିଛନ୍ତି। ଏହାକୁ ବିଏସ୍‌ଏଫ୍ ଡିଆଇଜି ସଞ୍ଜୟ କୁମାର ସିଂ ଶୁଭାରମ୍ଭ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପାଳନ ଲାଗି ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ହାଇଦ୍ରାବାଦଠାରେ ୭ ଦିନ ବ୍ୟାପୀ ଆଦିବାସୀ ଯୁବକଯୁବତୀଙ୍କ ମଧ୍ୟରେ ମତ ବିନିମୟ କାର୍ଯ୍ୟକ୍ରମ ହେବ। ଏହି ସମୟରେ ଯୁବତୀ ଯୁବକମାନେ ହାଇଦ୍ରାବାଦରେ ଥିବା ମନ୍ତ୍ରୀ ପରିଷଦ, କ୍ରୀଡ଼ାବିତ, ସିନେମା, ଟେଲିଭିଜନ କଳାକାରଙ୍କୁ ସାକ୍ଷାତ କରିବେ। ଐତିହାସିକ ଓ ସାଂସ୍କୃତିକ ସ୍ଥାନ ପରିଦର୍ଶନ କରି ଦେଶର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଜ୍ଞାନ ଆରୋହଣ କରିବେ। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଜିଲା ପ୍ରକଳ୍ପ ଅଧିକାରୀ ହରିଶ ରୂପାଲଙ୍କ ସହ ବିଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଦୁର୍ବ୍ୟବହାରକରି ଯୁବକ ଗିରଫ

**ଜୟପୁର, ୩।୧(ନି.ପ୍ର.)**

ଜଣେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଏକମ୍ବା ଗ୍ରାମର ଚନ୍ଦନ ବିଶି (୨୭)। ଚନ୍ଦନ ଜଣେ କଲେଜ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ହଇରାଣ କରୁଥିଲେ। ଏପରିକି କଲେଜ ଯିବା ସମୟରେ ତାଙ୍କ ମୋବାଇଲ ଛଡ଼ାଇନେଇ ସିମ୍ କାଢ଼ିନେଇ ମୋବାଇଲ ଫେରାଇଥିଲେ। ମାତ୍ର ସିମ୍‌କୁ ରଖି ଚନ୍ଦନ ଅପବ୍ୟବହାର କରୁଥିଲେ। ନୂଆବର୍ଷ ଦିନ ଛାତ୍ରୀ ଜଣକ ମା'ଙ୍କ ସହ ବଜାର ଆସିଥିବା ବେଳେ ଚନ୍ଦନ ତାଙ୍କୁ ହଇରାଣ କରିଥିଲେ। ଶେଷରେ ଛାତ୍ରୀ ଜଣକ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ୧/୨୨ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

## ପୋଲ ନିର୍ମାଣ ଦାବିରେ ଦଶମନ୍ତପୁର ବନ୍ଦ

**ଦଶମନ୍ତପୁର,୩।୧(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ପେଡିସିଲ ପୋଲ ବିପଦସଙ୍କୁଳ ଅବସ୍ଥାରେ ଦୀର୍ଘଦିନ ହେଲା ରହିଛି। ଏହାର ମରାମତି କିମ୍ବା ପୁନର୍ନିର୍ମାଣ ନେଇ ପ୍ରଶାସନ ଏଯାଏ ପଦକ୍ଷେପ ନେଇନାହିଁ। ଏହାର ପ୍ରତିବାଦରେ ସୋମବାର ବ୍ଲକ କଂଗ୍ରେସ ପକ୍ଷରୁ ଦଶମନ୍ତପୁର ବନ୍ଦ ପାଳନ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ରଙ୍କ ନେତୃତ୍ୱରେ ସମ୍ପାଦକ ମୋହନ ପାତ୍ର ହିଆଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ଦଳାଇ, ଲକ୍ଷ୍ମଣ ବିଶୋୟୀ, ଦିଲୀପ ବାଘ, ହେମନ୍ତ ଖରା, ଅର୍ଜୁନ ଚେଟି, ସୁବାସ ଖୋସ୍‌ଲା, ପଙ୍କଜ ବାଘ, ନରି ହିକ୍‌କା, ରାଜେନ୍ଦ୍ର ହୁଇକା, ରୁନା ମହାନନ୍ଦିଆଙ୍କ ସମେତ ବହୁ କଂଗ୍ରେସ ନେତା ବନ୍ଦ ପାଳନରେ ସାମିଲ ହୋଇଥିଲେ। ସେମାନେ ପୂର୍ବାହ୍ନ ୬ଟାରୁ ଅପରାହ୍ନ ପର୍ଯ୍ୟନ୍ତ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ଏବଂ ୨ ଓ ୪ ଚକିଆ ଯାନ ଚଳାଚଳ ବନ୍ଦ କରିଥିଲେ। ସୂଚନାଯୋଗ୍ୟ,୨୦୧୩ ରେ ଦଶମନ୍ତପୁର ବ୍ଲକର ପେଡିସିଲ ଗ୍ରାମ ନିକଟସ୍ଥ ନଦୀରେ ପିଡବ୍ଲୁଡି ପକ୍ଷରୁ ୩ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ଏହା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହେବା ପୂର୍ବରୁ ବିପଦସଙ୍କୁଳ ହୋଇ ପଡ଼ିଥିଲା। ଏଯାଏ ପୋଲ ନିର୍ମାଣ ସରିନାହିଁ। ତେବେ ପେଡ଼ିସିଲ ନଦୀରେ ପୋଲ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ନ ହେଲେ କଂଗ୍ରେସ ପକ୍ଷରୁ ପୁଣି ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ବନ୍ଦ ପାଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଥାନା ଅଧିକାରୀ ବିଜୟରାଜ ମାଝିଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।


କଂଗ୍ରେସ ପକ୍ଷରୁ କରାଯାଇଥିବା ବନ୍ଦ ପାଳନ।

**ବ୍ଲକ କଂଗ୍ରେସ ପକ୍ଷରୁ ହୋଇଥିଲା କାର୍ଯ୍ୟକ୍ରମ**

## ୩ ଆକ୍ରାନ୍ତ ଚିହ୍ନଟ

**କୋରାପୁଟ,୩।୧(ସ୍ୱ.ପ୍ର.)**

ଦୀର୍ଘଦିନ ବ୍ୟବଧାନ ପରେ ସୋମବାର କୋରାପୁଟ ଜିଲାରେ ୩ ଜଣ ପୁରୁଷ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେଥିମଧ୍ୟରେ ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ଜଣେ, ଜୟପୁର ବ୍ଲକ ଅଞ୍ଚଳରୁ ଜଣେ ଓ ବୋରିଗୁମ୍ମା ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି।

## ୱାର୍ଡମେମ୍ବର ପଦବୀ ନେଇ ସ୍ଥାନ ସଂରକ୍ଷଣ ଲାଗି ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**କୋରାପୁଟ,୩।୧(ସ୍ୱ.ପ୍ର.)–**

ସରକାରଙ୍କ ପକ୍ଷରୁ ପଞ୍ଚାୟତ ନିର୍ବାଚନ ନେଇ ପ୍ରସ୍ତୁତି ଚାଲିଥିବାବେଳେ ସୋମବାର ନନ୍ଦପୁର ବ୍ଲକର ବିଭିନ୍ନ ଗ୍ରାମରେ ୱାର୍ଡମେମ୍ବର ପାଇଁ ସ୍ଥାନ ସଂରକ୍ଷଣ ନେଇ ସମ୍ପୃକ୍ତ ଗ୍ରାମର ଗ୍ରାମବାସୀ ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ଦ୍ୱାରସ୍ଥ ହୋଇ ପୃଥକ ପୃଥକ ଦାବିପତ୍ର ଦେଇଛନ୍ତି। ନନ୍ଦପୁର ବ୍ଲକର ପାଡୁଆର ୱାର୍ଡ ନଂ ୨ ଅର୍ଥାତ କସମପଦର, ବିଲେଇଖୋଲା ଓ ଭାଟିଶାଳ ଗ୍ରାମଗୁଡିକରେ ଆଦିବାସୀ କିମ୍ବା ପଛୁଆ ବର୍ଗର ପ୍ରାର୍ଥୀଙ୍କ ପାଇଁ ୱାର୍ଡମେମ୍ବର ପଦବୀ ସଂରକ୍ଷିତ ରଖିବାକୁ ଗ୍ରାମବାସୀ ମାଣିକ ଗୁଣ୍ଟା, ରାମନାଥ ଶିଶା, ମେହାନ ହନ୍ତାଳ, ରୁଦ୍ର ହନ୍ତାଳ, ରାଜେଶ ହନ୍ତାଳ, ପର୍ଶୁରାମ ଗୁଣ୍ଟାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି। ବ୍ଲକର କୁଲବିର ପଞ୍ଚାୟତର ୱାର୍ଡ ନଂ. ୧୨ ପାଇଁ ଆଦିବାସୀ କିମ୍ବା ପଛୁଆ ବର୍ଗର ପ୍ରାର୍ଥୀ ନଚେତ ପ୍ରାର୍ଥିନୀଙ୍କ ସକାଶେ ୱାର୍ଡମେମ୍ବର ପଦବୀ ସଂରକ୍ଷିତ ରଖିବାକୁ ୱାର୍ଡବାସୀ ଜୟସେନ ଖିଲ, ବଳରାମ ଡୁରୁ, ଲାଇବନ ଖିଲ, ଅର୍ଜୁନ ବଡନାୟକ, ଚନ୍ଦ୍ରସେନ ରୁବେଲ ଅପ୍ରମୁଖ ଦାବି କରିଛନ୍ତି। ସେହିପରି ବ୍ଲକର କୁଲାରସିଂ ପଞ୍ଚାୟତର ୱାର୍ଡ ନଂ. ୪କୁ ଅର୍ଥାତ ପଡେଇ, କୁଇଲପୁଟ, ତାରଗାମପୁଟ, ବାଡେଲା ଗ୍ରାମବାସୀ ସାଧାରଣ ବର୍ଗ କିମ୍ବା ଆଦିବାସୀ ଲୋକଙ୍କ ପାଇଁ ସଂରକ୍ଷିତ ରଖିବାକୁ ଦାବି କରିଛନ୍ତି।

